ହା ମାଲବାରି (ମୃତ) ଏଲ୍ ଆର୍ ଏସ୍.ଙ୍କ ମାଧ୍ୟମରେ

ବନାମ

ନସିରୁଦ୍ଦିନ ପିରମହମଦ ଏବଂ ଅନ୍ୟମାନେ

ସେପ୍ଟେମ୍ବର 30,1997

[ଏସ୍.ବି. ମଜମୁଦାର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରେସିଡେନ୍ସି ଲଘୁ ମକଦ୍ଦମା ଅଧିନିୟମ, 1882 ଧାରା 41* ।

*ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925: ଧାରା 306* ।

*ଭାରତୀୟ ଭୋଗାଧିକାର ଅଧିନିୟମ, 1882: ଧାରା 59* ।

*ଅନୁଜ୍ଞପ୍ତି— କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ ଅନୁଜ୍ଞପ୍ତିଧାରୀଙ୍କ ମୃତ୍ୟୁ— ପ୍ରଭାବ— ସମ୍ପତ୍ତି ଅଧିକାରର ପୁନରୁଦ୍ଧାର ପାଇଁ 1882 ଅଧିନିୟମର ଧାରା 41 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ— କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ ଅନୁଜ୍ଞପ୍ତିଧାରୀଙ୍କ ମୃତ୍ୟୁ— ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ବ୍ୟକ୍ତିଗତ ବାଦର କାରଣ ସହିତ କାର୍ଯ୍ୟାନୁଷ୍ଠାନ ଜଡ଼ିତ ନୁହେଁ— ଅନୁଜ୍ଞପ୍ତିଦାତାଙ୍କ ମୃତ୍ୟୁ ସହିତ କାର୍ଯ୍ୟାନୁଷ୍ଠାନର ଅବସାନ ହୁଏ ନାହିଁ— ଅନୁଜ୍ଞପ୍ତିଧାରୀଙ୍କ ଆଇନଗତ ଦାୟାଦଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ— ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣରେ କୌଣସି ତ୍ରୁଟି ନାହିଁ— ଥରେ ଅନୁଜ୍ଞପ୍ତି ସମାପ୍ତ ହେବା ପରେ, ଅନୁଜ୍ଞପ୍ତିଦାତାଙ୍କ ପାଇଁ ପ୍ରତ୍ୟାବର୍ତ୍ତନ ଅଧିକାର ତିଷ୍ଠିରହେ ଏବଂ ଅନୁଜ୍ଞପ୍ତିଦାତାଙ୍କ ମୃତ୍ୟୁ ପରେ ଯିଏ ସମ୍ପତ୍ତି ସହିତ ହସ୍ତକ୍ଷେପ କରନ୍ତି ସେ ଅନୁଜ୍ଞପ୍ତିଦାତାଙ୍କ ଦାବିର ଉତ୍ତର ଦେବାକୁ ଦାୟୀ ହେବେ— ତେଣୁ ଏହା କୁହାଯାଇପାରିବ ନାହିଁ ଯେ, ଏପରି ବାଦର କାରଣ ଅନୁଜ୍ଞପ୍ତିଧାରୀଙ୍କ ଠାରେ ବ୍ୟକ୍ତିଗତ ଅଟେ ଏବଂ ତାଙ୍କ ସହିତ ସମାପ୍ତ ହୁଏ ନାହିଁ ।*

*ଚିନ୍ନନ ବନାମ ରଞ୍ଜିତାମ୍ମଲ,* **AIR (1931) Mad. 216, ପ୍ରୟୋଗଯୋଗ୍ୟ ନୁହେଁ ଦର୍ଶାଯାଇଛି ।**

*ଏମ୍. ରଙ୍ଗନାଥମ୍ ପିଲ୍ଲାଇ ବନାମ ଟି. ଗୋବିନ୍ଦରାଜୁଲୁ ନାଇଡୁ,* **(1950) 2 M.L.J. 280, ଅନୁମୋଦନ ଅଯୋଗ୍ୟ ।**

ହା ମାଲବାରି ବନାମ ନସିରୁଦ୍ଦିନ ପିରମହମଦ

*ହୀରେନ୍ଦ୍ର ଭୂଷଣ ବନାମ ପୂର୍ଣ୍ଣଚନ୍ଦ୍ର,* **(1943) 52 C.W.N. 843** *ଏବଂ ଶ୍ରୀମତୀ* ସାକିନବାଇ *ବନାମ ସାଲେଭାଇ ହାସନଅଲି,* **AIR (1967) ବମ୍ବେ 9, ଅନୁମୋଦିତ ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ(ସି) ସଂଖ୍ୟା 17918/1997 ।

ସି.ଆର୍.ଏ. ସଂଖ୍ୟା 1231/1992ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ତା16.7.97ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଯଶାଙ୍କ ଅଧ୍ୟାରୁ ଏବଂ ସଞ୍ଜୟ କପୁର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିବା ପରେ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆକ୍ଷେପିତ ଆଦେଶରେ ଗ୍ରହଣ କରାଯାଇଥିବା ଯୁକ୍ତି ସହିତ ସହମତ ହେଉଛୁ । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଅଧ୍ୟାରୁ ଦୃଢ ଭାବରେ ଯୁକ୍ତି କରିଛନ୍ତି ଯେ, ଆକ୍ଷେପିତ ଅନୁଜ୍ଞପ୍ତିଧାରୀଙ୍କ ମୃତ୍ୟୁ ପରେ ବିଚାର କରୁଥିବା ନ୍ୟାୟାଳୟରେ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ରହିଛି । ସେହି ଉଦ୍ଦେଶ୍ୟରେ ସେ *ଚିନାନ ବନାମ ରଞ୍ଜିତାମ୍ମାଲ*, AIR (1931) ମାଡ୍ରାସ 216 ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଏକ ଖଣ୍ଡପୀଠର ରାୟ ଉପରେ ଦୃଢ ଭାବରେ ଭରସା କରିଥିଲେ । ଉକ୍ତ ନିଷ୍ପତ୍ତିରେ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ମତ ଦେଇଛନ୍ତି ଯେ, ଆଇନ ସମ୍ମତ ଅଧିନିୟମର ଧାରା 59 ଅନୁଯାୟୀ ମଞ୍ଜୁର ହୋଇଥିବା ଅନୁଜ୍ଞପ୍ତି, ସମ୍ପତ୍ତି ସହିତ ସଂଲଗ୍ନ ନୁହେଁ, ଏହା ହସ୍ତାନ୍ତର ଯୋଗ୍ୟ କିମ୍ବା ବଂଶାନୁକ୍ରମିକ ନୁହେଁ ଏବଂ ଥରେ ଅନୁଜ୍ଞପ୍ତିଧାରୀ ସମ୍ପତ୍ତି ଠାରୁ ଅଲଗା ହେଲେ କିମ୍ବା ଅନୁଜ୍ଞପ୍ତିଧାରୀଙ୍କ ମୃତ୍ୟୁ ହେଲେ ଅନୁଜ୍ଞପ୍ତି ସମାପ୍ତ ହୋଇଯାଏ । ଦୃଢ ଭାବରେ କହିବାକୁ ଗଲେ ଏହି ନିଷ୍ପତ୍ତି ବର୍ତ୍ତମାନର ମାମଲାର ତଥ୍ୟ ଦୃଷ୍ଟେ ଆବଶ୍ୟକ ଉପରେ ଲାଭଦାୟକ ହୋଇପାରିବ ନାହିଁ କାରଣ ଅଭିଯୁକ୍ତ ଅନୁଜ୍ଞପ୍ତିଧାରୀ, ପ୍ରେସିଡେନ୍ସି ଲଘୁ ମକଦ୍ଦମା ଅଧିନିୟମ, 1882 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ)ର ଧାରା 41 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ତେବେ, *ଏମ୍. ରଙ୍ଗନାଥମ୍ ପିଲ୍ଲାଇ ବନାମ ଟି. ଗୋବିନ୍ଦରାଜୁଲୁ ନାଇଡୁ,* (1950) 2 M.L.J. 280 ମାମଲାରେ ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ପରବର୍ତ୍ତୀ ନିଷ୍ପତ୍ତି ତାଙ୍କ ପାଇଁ ଅଧିକ ଫଳପ୍ରଦ ହେବାର

ଆଶା ପ୍ରତିପୋଷଣ କରିଥିଲେ । ଅବଶ୍ୟ ଉକ୍ତ ନିଷ୍ପତ୍ତି, ଅଧିନିୟମର ଧାରା 41 ଅନୁଯାୟୀ ଅଧିନିୟମର ପରିପ୍ରେକ୍ଷୀରେ ପ୍ରଦାନ କରାଯାଇଛି । ଉକ୍ତ ନିଷ୍ପତ୍ତିରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ବିଜ୍ଞ ବିଚାରପତି ମତ ଦେଇଛନ୍ତି ଯେ, ଅଧିନିୟମର ଧାରା 41 ଅନୁଯାୟୀ ଅନୁଜ୍ଞପ୍ତିକାରୀଙ୍କ ଦ୍ୱାରା ଅଭିଯୁକ୍ତ ଅନୁଜ୍ଞପ୍ତିଧାରୀଙ୍କ ବିରୋଧରେ ସଂକ୍ଷିପ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପରେ ଏବଂ ଯଦି ଅନୁଜ୍ଞପ୍ତିଧାରୀ ମୃତ୍ୟୁ ବରଣ କରନ୍ତି, ତେବେ ତାଙ୍କ ଦାୟାଦମାନଙ୍କ ପକ୍ଷେ କାର୍ଯ୍ୟାନୁଷ୍ଠାନଟି ଅନୁସୃତ ହେବ ନାହିଁ ଏବଂ ଏହା ସମାପ୍ତ ହୋଇଯିବ । ଉକ୍ତ ଉପସଂହାରରେ ପହଞ୍ଚିବା ପାଇଁ ବିଜ୍ଞ ବିଚାରପତି, *ହୀନରେନ୍ଦ୍ର ଭୂଷଣ ବନାମ ପୁରନଚନ୍ଦ୍ର*, (1948) 52 C.W.N. 843 ମାମଲାରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ବିପରୀତ ଦୃଷ୍ଟିକୋଣ ସହିତ ଅସହମତି ପ୍ରକାଶ କରିଛନ୍ତି । ବିଜ୍ଞ ବିଚାରପତିଙ୍କ ପ୍ରତି ସମ୍ମାନ ପୂର୍ବକ, ଆମେ ମତ ପୋଷଣ କରୁ ଯେ, ଉକ୍ତ ନିଷ୍ପତ୍ତି ଭାରତୀୟ ଉତ୍ତରାଧିକାର ଅଧିନିୟମ 306ରେ ବ୍ୟବସ୍ଥାର ବିପରୀତ ଅଟେ, ଏବଂ ଏହା କେବଳ ବ୍ୟକ୍ତିଗତ ପ୍ରକୃତିର ସୀମିତ ବାଦର କାରଣ ସହିତ ଜଡ଼ିତ ଅଟେ, ଯାହା ବ୍ୟକ୍ତିଙ୍କ ସହିତ ସମାପ୍ତ ହେଇଯାଏ । ଯେତେବେଳେ ଜଣେ ଅନୁଜ୍ଞପ୍ତିଦାତା ଅଭିଯୁକ୍ତ ଅନୁଜ୍ଞପ୍ତିଧାରୀଙ୍କ ଠାରୁ ଏକ ସଂକ୍ଷିପ୍ତ ଢଙ୍ଗରେ ଦଖଲ ଚାହାଁନ୍ତି, ସେତେବେଳେ ସେ ସ୍ଥାବର ସମ୍ପତ୍ତିର ପୁନରୁଦ୍ଧାର ଚାହାଁନ୍ତି, ଯାହାକୁ ଅନୁଜ୍ଞପ୍ତିର ପ୍ରଚଳନ ସମୟରେ ଅନୁଜ୍ଞପ୍ତିଧାରୀଙ୍କ ଦ୍ୱାରା ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା । ଥରେ ଅନୁଜ୍ଞପ୍ତି ସମାପ୍ତ ହେବା ପରେ, ପ୍ରତ୍ୟାବର୍ତ୍ତନ କରିବାର ଅଧିକାର ସ୍ୱଷ୍ଟ ଭାବରେ ଅନୁଜ୍ଞପ୍ତିଧାରୀଙ୍କ ପାଇଁ ତିଷ୍ଠିରହିଥାଏ ଏବଂ ଅନୁଜ୍ଞପ୍ତିଧାରୀଙ୍କ ମୃତ୍ୟୁ ପରେ ଯିଏ ସମ୍ପତ୍ତି ସହିତ ହସ୍ତକ୍ଷେପ କରନ୍ତି ସେ ସ୍ୱଷ୍ଟ ଭାବରେ ଅନୁଜ୍ଞପ୍ତିଧାରୀଙ୍କ ଦାବିର ଉତ୍ତର ଦେବାକୁ ଉତ୍ତରଦାୟୀ ହେବେ ଏବଂ ଏହି ପ୍ରକ୍ରିୟାରେ ଏହା କୁହାଯାଇପାରିବ ନାହିଁ ଯେ, ଏପରି ବାଦର କାରଣ ଅନୁଜ୍ଞପ୍ତିଧାରୀଙ୍କ ବିରୋଧରେ ବ୍ୟକ୍ତିଗତ ଅଟେ ଏବଂ ତାଙ୍କର ମୃତ୍ୟୁ ସହିତ ତାହା ସମାପ୍ତ ହୋଇଥାଏ ।

ତେଣୁ, ଆମ ମତରେ, ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ବିଚାରପତିଙ୍କ ନିଷ୍ପତ୍ତିକୁ ଅଧିନିୟମର ଯୋଜନା ଦୃଷ୍ଟେ ତିଷ୍ଠି ରହିପାରିବ ନାହିଁ ଏବଂ ଏହାର ବିପରୀତରେ, ଉପରୋକ୍ତ ନିଷ୍ପତ୍ତିରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉପସ୍ଥାପିତ ମତ ସଠିକ ମତ ଅଟେ । ଏହି ପ୍ରଶ୍ନକୁ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା *ଶ୍ରୀମତୀ ସାକିନବାଇ ବନାମ ସେଲଭାଇ ହସନଅଲି*, AIR (1967) ବମ୍ବେ 9 ମାମଲାରେ ହୋଇଥବା ନିଷ୍ପତ୍ତି ସହିତ ଏହାର ନିଷ୍ପତ୍ତିରେ ଯାଞ୍ଚ କରାଯାଇଥିଲା । କେ.କେ. ଦେଶାଇ, ନ୍ୟାୟମୂର୍ତ୍ତି, ଖଣ୍ଡପୀଠ ତରଫରୁ ଦର୍ଶାଇଥିଲେ:

"ପ୍ରେସିଡେ଼ନ୍ସି ଲଘୁ ମକଦ୍ଦମା ଅଧିନିୟମର ଧାରା 41 ଅନୁଯାୟୀ ଉଚ୍ଛେଦଜନିତ କାର୍ଯ୍ୟାନୁଷ୍ଠାନ ଅଟେ ଏହା ସମ୍ପତ୍ତି ଅଧିକାରକୁ କାର୍ଯ୍ୟକାରୀ କରିବା ଏବଂ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଉଦ୍ଦିଷ୍ଟ ଅଟେ । ଏହା ବ୍ୟକ୍ତିଗତ ବାଦର କାରଣ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ନୁହେଁ ଏବଂ ସେ ଅପିଲକାରୀ ହୁଅନ୍ତୁ କିମ୍ବା ପ୍ରତିଦ୍ୱନ୍ଦ୍ୱୀ, କାର୍ଯ୍ୟାନୁଷ୍ଠାନର କୌଣସି ପକ୍ଷର ମୃତ୍ୟୁ ସହିତ ସେଗୁଡ଼ିକର ସମାପ୍ତି ହୁଏ ନାହିଁ ।

ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ଭାରତୀୟ ଉତ୍ତରାଧିକାର ଅଧିନିୟମର ଧାରା306ରେ ସ୍ପଷ୍ଟ ଭାଷା ଉପରେ ଦୃଢ଼ ନିର୍ଭରଶୀଳତା ରଖିଥିଲେ । ଆମ ମତରେ, ବମ୍ବେ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ନିଷ୍ପତ୍ତି, ଧାରା 41ର ପରିସର ଏବଂ ପରିଧିକୁ ସଠିକ ଭାବରେ ବିଶ୍ଳେଷଣ କରେ । ଫଳସ୍ୱରୂପ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତିରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ନାହିଁ, ଯେତେବେଳେ ସେ ଏହି ପ୍ରସଙ୍ଗରେ ବମ୍ବେ ଉଚ୍ଚ ନ୍ୟାୟାଳୟ ନେଇଥିବା ମତ ସହିତ ସମାନ ମତ ପୋଷଣ କରନ୍ତି ।

ଫଳସ୍ୱରୂପ ଏହି ସ୍ୱତନ୍ତ୍ର ଅନୁମତି ଆବେଦନର କୌଣସି ଯୋଗ୍ୟତା ନାହିଁ ଏବଂ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ତେବେ, ଆମକୁ ଏପରି କରିବା ପୂର୍ବରୁ, ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କ ଗୋଟିଏ ଅନୁରୋଧ ଉପରେ ଧ୍ୟାନ ଦେବାକୁ ହେବ । ସେ ଉପସ୍ଥାପନ କରିଥିଲେ ଯେ, ଆବେଦନକାରୀମାନେ ଅତ୍ୟନ୍ତ ଗରିବ ବ୍ୟକ୍ତି ଅଟନ୍ତି, ସେମାନେ ସେମାନଙ୍କର ରୋଜଗାରକ୍ଷମ ବ୍ୟକ୍ତି ଦୀର୍ଘ ଦିନ ଧରି ମୃତ୍ୟୁବରଣ କରିଥିବା ଠାରୁ ପରିସରରେ ରହୁଛନ୍ତି ଏବଂ ସେ ରକ୍ଷଣାବେକ୍ଷଣ ପାଇଁ ବହୁତ କମ ଅର୍ଥ ପାଉଥିଲେ । ତେଣୁ, ତାଙ୍କ ମତରେ, ଯଦି ଉତ୍ତରଦାତାମାନେ ଆବେଦନକାରୀଙ୍କ ସହିତ କିଛି ସହମତି ପୂର୍ବକ ସମାଧାନ କରିବାକୁ ଆଗ୍ରହୀ ହୁଅନ୍ତି, ତେବେ ଏହା ଆବେଦନକାରୀଙ୍କ ଯନ୍ତ୍ରଣା ହ୍ରାସ କରିବ । ତେଣୁ ଏହି ଅନୁରୋଧ ଉପରେ, ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନର ସମ୍ଭାବନା ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଉତ୍ତରଦାତାମାନଙ୍କୁ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଛଅ ସପ୍ତାହ ପରେ ବିଜ୍ଞପ୍ତି ଫେରସ୍ତ ଯୋଗ୍ୟ ଅଟେ । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବେଦଖଲ ଆଦେଶ ଉପରେ ମଧ୍ୟକାଳୀନ ସ୍ଥଗିତାଦେଶ ରହୁଛି ।

ଟି.ଏନ୍.ଏ. ଆବେଦନ ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ<br>
ଆଦିତ୍ୟ ପ୍ରସାଦ ମିଶ୍ର<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।